## ସଂକ୍ଷେପରେ

### ବୁଥ୍ ଜବରଦଖଲ ମାମଲା, ଆଉ ୩ ଗିରଫ

**ଢେଙ୍କାନାଳ ଅଫିସ,୨୦।୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତରେ ଗତ ୧୬ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ୨, ୬, ୭ ଓ ୧୧ନଂ. ବୁଥ୍ ଜବରଦଖଲ ହୋଇଥିଲା। ଦୁର୍ବୃତ୍ତମାନେ ୧୧ନଂ. ବୁଥ୍‌ର ପୋଲିଂ ଅଫିସରଙ୍କୁ ଆକ୍ରମଣ କରି ଭୋଟ ବାକ୍ସ ଲୁଟ୍ କରିନେଇଥିଲେ। ଏଥିସହ ଏକ ବୋଲେରୋ, ବାଇକ୍ ଭଙ୍ଗାରୁଜା କରିଥିଲେ। ଘଟଣା ପରଦିନ ଏକ କୂଅରୁ ପୋଲିସ ଭୋଟ ବାକ୍ସ ଉଦ୍ଧାର କରିଥିଲା। ଏହି ଘଟଣାର ତଦନ୍ତ କରୁଥିବା ପୋଲିସ ପ୍ରଥମେ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାପରେ ରବିବାର ଆଉ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିହଲପ୍ରସାଦ ଅଞ୍ଚଳର ହିମାଂଶୁ କୁମାର ମହାନ୍ତି, ସନ୍ତୋଷ ସାହୁ, ତରୁଣ କୁମାର ପହି। ଏମାନଙ୍କୁ ମିଶାଇ ଏହି ମାମଲାରେ ଗିରଫଙ୍କ ସଂଖ୍ୟା ୯ରେ ପହଞ୍ଚିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଜବରଦଖଲ କରାଯାଇଥିବା ଉପରୋକ୍ତ ୪ଟି ବୁଥ୍‌ରେ ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨୩ ତାରିଖରେ ପୁନଃ ମତଦାନ କରାଯିବ।

### ୩ ସଂକ୍ରମିତ ଚିହ୍ନଟ

**ଅନୁଗୋଳ ଅଫିସ,୨୦।୨**

ଅନୁଗୋଳ ଜିଲାରୁ ରବିବାର ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୩୪୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳରୁ ୨ ଜଣ ଓ ପାଲଲହଡା ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ କୋଭିଡ୍‌ରେ ୪୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୭ ଲକ୍ଷ ୫ ହଜାର ୪୩୯ ଜଣ ଟିକା ନେଇସାରିଛନ୍ତି।

### ଢେଙ୍କାନାଳରେ ୫ ପଜିଟିଭ୍

**ଢେଙ୍କାନାଳ ଅଫିସ,୨୦।୨**

ଢେଙ୍କାନାଳ ଜିଲାରୁ ରବିବାର ୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୨ ହଜାର ୩୩୫ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୩ ଓ ଗଁଦିଆରୁ ୨ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨୫ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଡ. ଚୈତନ୍ୟ ସାହୁ ପାଇବେ ସୋମନାଥ ସିଂହ ସମ୍ମାନ

**ଅନୁଗୋଳ ଅଫିସ,୨୦।୨-** ଅନୁଗୋଳ ଜିଲା ସାହିତ୍ୟ ସଂସଦ ଉପ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ କୁମଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ୨୦୨୨ ବର୍ଷ ପାଇଁ ରାଜା ସୋମନାଥ ସିଂହ ସମ୍ମାନ, କବି ରାଧାମୋହନ ଗଡ଼ନାୟକ ସମ୍ମାନ ଓ ପବିତ୍ରମୋହନ ସ୍ମୃତି ସମ୍ମାନ ଯଥାକ୍ରମେ ଡ. ଚୈତନ୍ୟ ସାହୁ, ଡ. ନିବେଦିତା ମହାନ୍ତି (ଦାସ) ଏବଂ ସୁଧାକର ସାରସ୍ୱତ ଗ୍ରନ୍ଥାବଳୀର ଲେଖକ ସୁଧାକର ସାହୁଙ୍କୁ ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା। ସେହିପରି ଚଳିତବର୍ଷ ପାଇଁ ସାରସ୍ୱତ ସମ୍ବର୍ଦ୍ଧନା ବଇଣ୍ଡାର ବିଚିତ୍ରାନନ୍ଦ ସାହୁ, ଆଠମଲ୍ଲିକର ଇନ୍ଦ୍ରମଣି ନାୟକ, ଅନୁଗୋଳର ମିନତୀ ସାହୁ, କଣିହାଁର ବୁଦ୍ଧଦେବ ସେଠୀ ଏବଂ ଡ. ସଦାନନ୍ଦ ପରିଡ଼ାଙ୍କୁ ପ୍ରଦାନ କରାଯିବ। ବୈଠକର ସଫଳତା ପାଇଁ ବିରଞ୍ଚି କୁମାର ନାୟକ, ଡ. ଇନ୍ଦିରା ଦାଶ, ଶାନ୍ତନୁ କୁମାର ସର, ଯଦୁମଣି ସାହୁଙ୍କୁ ସମ୍ପାଦକ ରାଧାକାନ୍ତ ମହାନ୍ତି ସାଧୁବାଦ ଜଣାଇଛନ୍ତି।

### ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗୃହରକ୍ଷୀଙ୍କ ମୃତ୍ୟୁ

**ବାରିପଦା ଅଫିସ,୨୦।୨-** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଗୃହରକ୍ଷୀ ଟିକାରାମ ପଣ୍ଡା(୫୫)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଟିକାରାମ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବଡ଼ସାହି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଟିକାରାମଙ୍କ ଘର ଶୁଳିଆପଦା ବ୍ଲକର ଉଫାଲଗଡିଆ ଗ୍ରାମରେ ବୋଲି ଜଣାପଡ଼ିଛି।

# ଭୋଟ୍ ବାକ୍ସରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର/ ପରଜଙ୍ଗ,୨୦।୨(ଡି.ଏନ.ଏ.)**



ପରଜଙ୍ଗ ବ୍ଲକର ଏକ ବୁଥ୍‌ରେ ଭୋଟରଙ୍କ ଧାଡ଼ି।

■ କାମାକ୍ଷାନଗରରେ ୮୦.୮୦ ପ୍ରତିଶତ

■ ପରଜଙ୍ଗରେ ୭୯.୯୯ % ମତଦାନ

ଢେଙ୍କାନାଳ ଜିଲାର କାମାକ୍ଷାନଗର ଓ ପରଜଙ୍ଗ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟଗ୍ରହଣ ରବିବାର ଶେଷ ହୋଇଛି। ଛୋଟମୋଟ୍ ବିଶୃଙ୍ଖଳାକୁ ଛାଡ଼ିଦେଲେ ଉଭୟ ବ୍ଲକରେ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିବା ସୂଚନା ମିଳିଛି। କାମାକ୍ଷାନଗର ବ୍ଲକରେ ୮୦.୮୦ ପ୍ରତିଶତ ଓ ପରଜଙ୍ଗ ବ୍ଲକରେ ୭୯.୯୯ ପ୍ରତିଶତ ମତଦାନ ହୋଇଛି। ଦୁଇ ବ୍ଲକର ୫୧ ପଞ୍ଚାୟତ ଓ ୬ ଜିଲା ପରିଷଦ ଜୋନ୍‌ରେ ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇଯାଇଛି।

କାମାକ୍ଷାନଗର ବ୍ଲକର ୨୨ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍ ପାଇଁ ମୋଟ୍ ୨୯୬ ବୁଥ୍ କରାଯାଇଥିଲା। ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ଭୋଟଗ୍ରହଣ ସମୟ ଧାର୍ଯ୍ୟ ହୋଇଥିବାରୁ ସକାଳୁ ହିଁ ବୁଥ୍‌ଗୁଡ଼ିକରେ ଭିଡ଼ ଲାଗିଥିଲା। ବ୍ଲକର ମୋଟ୍ ୯୧ ହଜାର ୨୨୭ ଭୋଟରଙ୍କ ମଧ୍ୟରୁ ୮୦.୮୦ ପ୍ରତିଶତ ଅର୍ଥାତ୍ ୭୩ ହଜାର ୭୧୫ ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ୩୫ ହଜାର ୫୪୧ ମହିଳା ଓ ୩୮ ହଜାର ୧୭୪ ଜଣ ପୁରୁଷ ଭୋଟର ବୁଥ୍‌ରେ ଭୋଟ ଦେଇଥିଲେ। ବ୍ଲକର ୩ ଜିଲା ପରିଷଦ ଜୋନ୍‌ରେ ୧୨ ପ୍ରାର୍ଥୀ ଥିବାବେଳେ ୮୨ ସରପଞ୍ଚ ଓ ୭୭ ସମିତିସଭ୍ୟଙ୍କ ସହ ୨୯୬ ୱାର୍ଡ ମଧ୍ୟରୁ ୧୫୩ ୱାର୍ଡସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

ସେହିପରି ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍ ପାଇଁ ୩୬୧ ବୁଥ୍ କରାଯାଇଥିଲା। ମୋଟ୍ ୧ ଲକ୍ଷ ୭ ହଜାର ୬୧୭ ଭୋଟରଙ୍କ ମଧ୍ୟରୁ ୭୯.୯୯ ପ୍ରତିଶତ ଅର୍ଥାତ୍ ୮୬ ହଜାର ୮୨ ଭୋଟର ମତଦାନ କରିଥିଲେ। ସେଥିମଧ୍ୟରୁ ୪୧ ହଜାର ୮୨୭ ମହିଳା ଓ ୪୪ ହଜାର ୨୫୫ ପୁରୁଷ ଭୋଟର ଭୋଟ ଦେଇଥିଲେ। ସକାଳୁ ବର୍ଷା ସତ୍ତ୍ୱେ ମତାଧିକାର ସାବ୍ୟସ୍ତ କରିବାକୁ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶୃଙ୍ଖଳାର ସହ ଭୋଟ ପରେ ସମସ୍ତ ବୁଥ୍‌ରୁ ପୋଲିଂ ପାର୍ଟି ବ୍ଲକ ଅଫିସରେ ପହଞ୍ଚି ଷ୍ଟ୍ରଙ୍ଗ ରୁମ୍‌ରେ ଭୋଟ ବାକ୍ସ ଜମା କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଏଲ୍. ଦିବ୍ୟା ଭି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ, ବିଭ ଅଧିକାରୀ ଧୀରେନ କୁମାର ନାୟକ, ବିଡିଓ ବିକାଶ କୁମାର ମହନ୍ତି, ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ଆଇଆଇସି ସୁନୀଲ କୁମାର କର, ପରଜଙ୍ଗ ବିଡିଓ ବିନୋଦ ବିହାରୀ ବେହେରା ନିର୍ବାଚନ ପରିଚାଳନାର ତଦାରଖ କରିଥିଲେ।

# ବର୍ଷା ସତ୍ତ୍ୱେ ବୁଥ୍‌ରେ ଲମ୍ବା ଧାଡ଼ି

**ବଇଣ୍ଡା/ ଖମାର,୨୦।୨(ଡି.ଏନ.ଏ.)**



ପାଲଲହଡା ବ୍ଲକ୍‌ର ଏକ ବୁଥ୍‌ରେ ଭୋଟ ଦେବାକୁ ଭୋଟରମାନେ ଅପେକ୍ଷା କରିଛନ୍ତି।

■ ଆଠମଲ୍ଲିକ ବ୍ଲକରେ ପଡ଼ିଲା ୮୫. ୫୮% ଭୋଟ

■ ପାଲଲହଡ଼ାରେ ୮୪.୮୨ ପ୍ରତିଶତ ମତଦାନ

ଅନୁଗୋଳ ଜିଲାରେ ତୃତୀୟ ପର୍ଯ୍ୟାୟ ମତଦାନ ରବିବାର ଆଠମଲ୍ଲିକ ଓ ପାଲଲହଡ଼ା ବ୍ଲକରେ ସମାପନ ହୋଇଛି। କେତୋଟି ସ୍ଥାନରେ ସାମାନ୍ୟ ଅସନ୍ତୋଷ ସୃଷ୍ଟି ହୋଇଥିଲେ ମଧ୍ୟ ଭୋଟ ଗ୍ରହଣରେ ସେପରି ଅସୁବିଧା ଦେଖାଦେଇ ନାହିଁ। ଏପରି କି ବର୍ଷା ସତ୍ତ୍ୱେ ବୁଥ୍‌ଗୁଡ଼ିକରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଆଠମଲ୍ଲିକ ବ୍ଲକରେ ୮୫.୫୮ ପ୍ରତିଶତ ଓ ପାଲଲହଡ଼ା ବ୍ଲକରେ ୮୪.୮୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି।

ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ସହ ୩ ଜିଲା ପରିଷଦ ଜୋନ୍‌ରେ ହୋଇଥିବା ୩୧୯ ବୁଥ୍‌ରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ୫୪ଟି ସମ୍ବେଦନଶୀଳ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା। ପୋଲିସ ମୋବାଇଲ ସ୍କ୍ୱାଡ୍ ବୁଥ୍‌ଗୁଡିକ ବୁଲି ଯାଞ୍ଚ କରିଥିଲେ। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ଥିବା ବୁଥ୍‌ଗୁଡିକରେ ଫୋର୍ସ ମୁତୟନ କରାଯାଇଥିଲା। ୫ ନମ୍ବର ଜୋନ୍‌ର ୮ ପଞ୍ଚାୟତରେ ହୋଇଥିବା ବୁଥ୍‌ଗୁଡିକରେ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ମାଜିଷ୍ଟ୍ରେଟ୍ ଦାୟିତ୍ୱ ତୁଲାଇଥିଲେ। ୭ ନମ୍ବର ଜୋନ୍‌ର ୮ ପଞ୍ଚାୟତରେ ହୋଇଥିବା ବୁଥ୍‌ଗୁଡ଼ିକରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ସହକାରୀ ଜିଲାପାଳ କୁଳମଣି ଦଳେଇ, ତହସିଲଦାର ସଫି ସାଇନିକା ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ରହି ଯାଞ୍ଚ କରିଥିଲେ। ୬ ନମ୍ବର ଜୋନ୍ ପାଇଁ ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ବଅଁରପାଳ ଅତିରିକ୍ତ ତହସିଲଦାର ସୁଶାନ୍ତ ନାୟକ ପ୍ରମୁଖ ମାଜିଷ୍ଟ୍ରେଟ୍ ଭାବେ ନିୟୋଜିତ ହୋଇଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ତାଙ୍କ ଗ୍ରାମ ପଥରଗୁମ୍ଫା ବିଦ୍ୟାଳୟଠାରେ ହୋଇଥିବା ବୁଥ୍‌ରେ ଭୋଟ ଦେଇଥିଲେ। ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ବହୁ ପୋଲିସ କର୍ମଚାରୀ ବୁଥ୍ ଯାଞ୍ଚ କରିଥିବା ବିଡିଓ ସନ୍ତୋଷ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ପାଲଲହଡ଼ା ବ୍ଲକର ୨୭ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍‌ରେ ହୋଇଥିବା ୩୭୦ ବୁଥ୍‌ରେ ମତଦାନ ଶେଷ ହୋଇଛି। ବ୍ଲକର ୯୫ ହଜାର ୩୧୪ ଭୋଟରଙ୍କ ମଧ୍ୟରୁ ୮୪.୮୨ ପ୍ରତିଶତ ଅର୍ଥାତ୍ ୮୦ ହଜାର ୮୪୯ ମତଦାତା ବୁଥ୍‌କୁ ଆସି ଭୋଟ ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାରୁ ସେପରି ବିଶୃଙ୍ଖଳା କୌଣସିଠାରେ ଦେଖିବାକୁ ମିଳିନାହିଁ ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ଦିଲୀପ କୁମାର ବର ସୂଚନା ଦେଇଛନ୍ତି।

# ୧୪୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଯୋଗ ଦେଇଥିବା ରକ୍ତଦାତା ଓ ଅନ୍ୟମାନେ।

**ଅନୁଗୋଳ ଅଫିସ,୨୦।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଡିଆକାଟେଣିସ୍ଥିତ ଚୌଧୁରୀ ମଲ୍‌ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଢେଙ୍କାନାଳ ଜିଲା ରକ୍ତଦାତା ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ଶିକ୍ଷାବିତ୍ ରବିନାରାୟଣ ମିଶ୍ର, ଓଡ଼ାପଡ଼ା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ବେହେରା, ସମ୍ପାଦକ ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ଜିଲା ରକ୍ତଭଣ୍ଡାରର ଡାକ୍ତର ଜୟନାରାୟଣ ପାଢୀଙ୍କ ନେତୃତ୍ୱରେ ପରମାନନ୍ଦ ପଣ୍ଡା, ବରୁଣ ସାହୁ, ରାକେଶ ବେହେରା, ତପନ ଜେନା, ଅଜୟ ସ୍ୱାଇଁ ଓ ପିଣ୍ଟୁ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚୌଧୁରୀ ମଲ୍‌ର ସ୍ୱତ୍ୱାଧିକାରୀ ବିଶ୍ୱ ରଞ୍ଜନ ସାହୁ, ବିକାଶ ରଞ୍ଜନ ସାହୁ, ବିଘ୍ନେଶ୍ୱର ସାହୁ, ବିଭାଶ ରଞ୍ଜନ ସାହୁ ସହଯୋଗ କରିଥିଲେ।

# ଫ୍ଲାଏଆଶ୍ ଯୋଗାଣରେ ଜିଏମ୍‌ଆର୍‌ର ରେକର୍ଡ

**ଢେଙ୍କାନାଳ ଅଫିସ,୨୦।୨**



ଫ୍ଲାଏ ଆଶ୍ ପରିବହନକାରୀ ଟ୍ରେନ୍ ସମ୍ମୁଖରେ ଜିଏମ୍‌ଆର ଅଧିକାରୀମାନେ।

ଢେଙ୍କାନାଳ ଜିଲା କମଲାଙ୍ଗସ୍ଥିତ ଜିଏମ୍‌ଆର୍ କମଲାଙ୍ଗ ଏନର୍ଜୀ ଲିମିଟେଡ୍ ପୂର୍ବତଟ ରେଳପଥରେ ୧୦୦ ଫ୍ଲାଏଆଶ୍ ରେକ୍ ବିଭିନ୍ନ ଯୋଗାଣ ସଂସ୍ଥାକୁ ପରିବହନ କରି ରେକର୍ଡ ସୃଷ୍ଟି କରିଛି। କମ୍ପାନୀ ଶତ ପ୍ରତିଶତ ଫ୍ଲାଏଆଶ୍ ବ୍ୟବହାର କରିବା ସହ ରେଳପଥ ମାଧ୍ୟମରେ ଯୋଗାଣ କରିବାରେ ଶକ୍ତି ଉତ୍ପାଦନ କମ୍ପାନୀ ଭାବେ ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। କୋଭିଡ୍ ମହାମାରୀ ସମୟରେ କମ୍ପାନୀ ୧୫ଦିନ ମଧ୍ୟରେ ୩.୭୮ ଲକ୍ଷ ମେଟ୍ରିକ ଟନ ଫ୍ଲାଏଆଶ୍ ରେଳପଥରେ ଯୋଗାଣ ସଂସ୍ଥାକୁ ପରିବହନ କରି ଏହି ବିରାଟ ସଫଳତା ହାସଲ କରିଛି। ଏହି ଫ୍ଲାଏଆଶ୍ ଜିଏମ୍‌ଆର କମଲାଙ୍ଗ ଏନର୍ଜୀ ଲିମିଟେଡ୍ ପରିସରରୁ ୨୬୦ରୁ ୩୦୦ କିଲୋମିଟର ଦୂରତାକୁ ଯୋଗାଣ କରାଯାଇଥିଲା। କମ୍ପାନୀ ରାଜପଥ ଓ ଇଟା ନିର୍ମାଣ ପାଇଁ ମଧ୍ୟ ଫ୍ଲାଏଆଶ୍ ଯୋଗାଇ ଆସୁଛି। ଏହି ସଫଳତା ପାଇଁ କମ୍ପାନୀର ଭିତ୍ତି ସଂରଚନା ମୁଖ୍ୟ ସୁଶିଲ ଚୌଧୁରୀଙ୍କୁ ବହୁ ଉଦ୍ୟମ କରିବାକୁ ପଡିଛି। କମ୍ପାନୀର ସିଓଓ ରମେଶ ଆର୍ ପାଇ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ପୂର୍ବତଟ ରେଳ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମତଦାନ ପାଇଁ ପହଞ୍ଚିଥିବା ଭୋଟର।

### ଜାଲ ଗ୍ରାମବାସୀଙ୍କ ଭୋଟ ବର୍ଜନ

**ପାରଳାଖେମୁଣ୍ଡି,୨୦।୨(ଡି.ଏନ୍.ଏ.):** ରାୟଗଡ ବ୍ଲକ ଏଙ୍ଗାରସିଂ ପଞ୍ଚାୟତର ଜାଲ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ପଞ୍ଚାୟତ ପୁର୍ନଗଠନ ବେଳେ ଏହି ଗ୍ରାମକୁ ଲୋଭା ପଞ୍ଚାୟତରୁ ଅଲଗା କରି ଏଙ୍ଗାରସିଂ ପଞ୍ଚାୟତରେ ସାମିଲ କରାଗଲା। ଏଥିପାଇଁ ଗାଁ ଲୋକଙ୍କ ମତାମତ ସଂଗ୍ରହ କରାଗଲାନାହିଁ। ଏପରିକି ସରକାରଙ୍କ ସମସ୍ତ ଗାଇଡଲାଇନ ନ ମାନି ଏପରି କରିଥିବା ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରୁଛନ୍ତି।




# ରାଶନ ଦୋକାନ, ୨ ବଖରା ଜଳିଗଲା

**ବଅଁରପାଳ/ ଛେଣ୍ଡିପଦା,୨୦।୨(ଡି.ଏନ.ଏ.)**



ଜଳିଯାଇଥିବା ରାଶନ ଦୋକାନ।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଆମନା ଗ୍ରାମର ଇନ୍ଦ୍ରମଣି ପ୍ରଧାନଙ୍କ ରାଶନ ଦୋକାନରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୋକାନରେ ଥିବା ଅଟା, ଚାଉଳ, ଚିନି ଆଦି ଲକ୍ଷାଧିକ ଟଙ୍କାର ରାଶନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ରାଜନୈତିକ ବିବାଦରୁ କେତେଜଣ ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଛତାସାହିରେ ରବିବାର ଅଗ୍ନିକାଣ୍ଡ ଘଟି ସପନା ପ୍ରଧାନଙ୍କ ୨ବଖରା ପୋଡିଯାଇଛି। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିଲା ବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିସାରିଥିଲେ। କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

# ସଂଗ୍ରାମୀ ବିଚ୍ଛନ୍ଦଙ୍କ ସ୍ମୃତିଚାରଣ



ଅତିଥିମାନେ 'ପ୍ରଣାମ ସଂଗ୍ରାମୀ' ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**କଣିହାଁ,୨୦।୨(ଡି.ଏନ.ଏ.)**

କଣିହାଁ ଗାନ୍ଧୀ ସ୍ମୃତି ପୀଠଠାରେ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ଓ ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ରବିବାର ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ୧୦୫ ତମ ଜୟନ୍ତୀ ପାଳିତ ହୋଇଛି। ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଇଂ. ଧନେଶ୍ୱର ସାହୁ ଯୋଗଦେଇ ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ସଂଗ୍ରାମୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଟ୍ରଷ୍ଟ ସଭାପତି ନୃସିଂହ ବରାଳ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ସିଦ୍ଧିପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ଅଦ୍ୱୈତ କୁମାର ପ୍ରଧାନ, ସୁଧାକର ପ୍ରଧାନ, ଭୂପେନ ଗଡ଼ନାୟକ, ରଞ୍ଜନ ମିଶ୍ର ଯୋଗଦେଇ ସଂଗ୍ରାମୀଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ପ୍ରଣାମ ସଂଗ୍ରାମୀ' ସ୍ମରଣିକା ଉନ୍ମୋଚନ ହୋଇଥିଲା। ବିନାୟକ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଅରବିନ୍ଦ ପ୍ରଧାନ, ବାଳକୃଷ୍ଣ ପ୍ରଧାନ, ଅବନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ତାଳଚେରରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ତାଳଚେର,୨୦।୨(ନି.ପ୍ର.)**



■ ୪ର୍ଥ ପର୍ଯ୍ୟାୟ ଭୋଟ୍ ପାଇଁ ପ୍ରଚାର ଶେଷ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଅନୁଗୋଳ ଜିଲାର ତାଳଚେର ଓ କିଶୋରନଗର ବ୍ଲକରେ ଏଥିପାଇଁ ରବିବାର ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଅନ୍ତିମ ଦିନରେ ଦୁଇ ବ୍ଲକର ଜିଲା ପରିଷଦ ପ୍ରାର୍ଥୀମାନେ ଜୋର୍‌ଦାର ପ୍ରଚାର କରିଛନ୍ତି। ବିଶେଷକରି ତାଳଚେର ବ୍ଲକର ୪ଟି ଜିଲା ପରିଷଦ ଜୋନ୍ (ନଂ. ୧୮, ୧୯, ୨୦, ୨୧)ରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ରହିଥିଲେ ମଧ୍ୟ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବା ଲକ୍ଷ୍ୟ କରାଯାଉଛି। କାରଣ ୨୦୧୭ ନିର୍ବାଚନରେ ୪ଟି ଜୋନ୍ ମଧ୍ୟରୁ ୩ଟିକୁ ସିଧାସଳଖ ଭାଜପା ଅକ୍ତିଆର କରିନେଇଥିବାରୁ ବିଜେଡି ଏଥର ଏଠାରେ ବିଜୟୀ ହେବାକୁ ଜୋରଦାର ପ୍ରୟାସ କରୁଛି।

ତାଳଚେର ବ୍ଲକରେ ୨୧ ପଞ୍ଚାୟତ ସହ ୪ଟି ଜିଲା ପରିଷଦ ଜୋନ୍ ରହିଛି। ଏଠାକାର ମୋଟ୍ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୧ ହଜାର ୯୬୮। ମତଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୩୦୫ ବୁଥ୍ କରାଯାଇଛି। ସେଥିରୁ ୧୬୮ ବୁଥ୍ ସମ୍ବେଦନଶୀଳ ହୋଇଥିବାବେଳେ ଅତି ସମ୍ବେଦନଶୀଳ ବୁଥ୍ ସଂଖ୍ୟା ୮୫। ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୧୨୨୦ ଜଣ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅଧିକ ୫ ପ୍ରତିଶତ ପୋଲିଂ କର୍ମଚାରୀଙ୍କୁ ସଂରକ୍ଷିତ ରଖାଯାଇଛି। ୪ ଜିଲା ପରିଷଦ, ୨୧ ସରପଞ୍ଚ, ୨୦ ସମିତି ସଭ୍ୟ ଓ ୧୫୦ ୱାର୍ଡମେମ୍ବର ପଦବୀ ପାଇଁ ୫ଶହରୁ ଅଧିକ ପ୍ରାର୍ଥୀ ରହିଛନ୍ତି। ତେବେ ଦଳୀୟ ଭିତ୍ତିରେ ଲଢ଼ାଯାଉଥିବା ଜିଲା ପରିଷଦ ପ୍ରାର୍ଥୀଙ୍କୁ ନେଇ ଅଧିକ ଚର୍ଚ୍ଚା ଚାଲିଛି। ୨୦୧୭ ନିର୍ବାଚନରେ ୪ଟି ଜୋନ୍ ମଧ୍ୟରୁ ଭାଜପା ୧୮, ୨୦ ଓ ୨୧ ନଂ. ଜୋନରେ ବିଜୟୀ ହୋଇଥିଲା। ୧୯ ନଂ ଜୋନ୍‌ରେ ବିଜେଡି ଜୟଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିଜୟୀ ପ୍ରାର୍ଥୀ ଭାଜପାରେ ଯୋଗ ଦେଇଥିଲେ। ତେଣୁ ମୋଟ ଉପରେ ତାଳଚେରର ସମସ୍ତ ଜିଲା ପରିଷଦ ପଦବୀ ଭାଜପା ଅକ୍ତିଆରକୁ ଆସିଥିଲା। ଚଳିତ ନିର୍ବାଚନରେ ମଧ୍ୟ ସେଭଳି ପ୍ରଦର୍ଶନ କରିବାକୁ ଭାଜପା ଆଶାବାଦୀ ରହିଛି। ଅପରପକ୍ଷରେ ବିଜେଡି ଗତଥରର ନୈରାଶ୍ୟଜନକ ପ୍ରଦର୍ଶନକୁ ଭୁଲି ଫଳାଫଳକୁ ନିଜ ସପକ୍ଷରେ ଆଣିବାକୁ ଚେଷ୍ଟା ଜାରି ରଖିଛି। ଏପରି କି ଏଥର ଜିଲା ପରିଷଦ ନିର୍ବାଚନ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ପାଇଁ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି। ତେବେ ଭାଜପା–ବିଜେଡି ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ କେତେଜଣ ବିଦ୍ରୋହୀ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଉଛି।

ଧରିତ୍ରୀ
DHARITRI
ସୋମବାର, ୨୧ ଫେବୃୟାରୀ, ୨୦୨୨

**ଡାକ୍ତରଙ୍କ ପରଲୋକ**

କେନ୍ଦୁଝର,(ସ୍ବ.ପ୍ର.): କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ନିଶ୍ଚେତକ ଡାକ୍ତର ପରମେଶ୍ୱର କଳାଙ୍କ ରବିବାର ହୃଦଘାତରେ ମୃତ୍ୟୁ ହୋଇଛି। ସେ ଦୀର୍ଘ ବର୍ଷ ଧରି ଜିଲାରେ ରୋଗୀ ସେବା କରି ଆସୁଥିଲେ। ଅବସର ପରେ ଡିଏମ୍ଏଫ ଡାକ୍ତର ଭାବେ କାମ କରି ଆସୁଥିଲେ। ପରଲୋକ ଖବରପାଇ ଡାକ୍ତରଖାନାର ଡାକ୍ତର ତଥା କର୍ମଚାରୀମାନେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ସଂକ୍ଷେପରେ

### ପୋଖରୀରେ ବୁଡ଼ିଗଲେ ୨ ଶିଶୁ

**ଠାକୁରମୁଣ୍ଡା,୨୦।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଧୀନ କେଶଡ଼ିହା ଗ୍ରାମ କଦଳୀବାହାଳି ସାହିରେ ରବିବାର ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଦ୍ୱୟ ହେଲେ ମାଝି ହେମ୍ବ୍ରମଙ୍କ ୩ବର୍ଷର ପୁଅ ରାଜେଶ ଓ ଯୁଗୁ ହେମ୍ବ୍ରମଙ୍କ ସାଢ଼େ ୩ ବର୍ଷର ଝିଅ ସୁମୀ। ଅପରାହ୍ନରେ ଶିଶୁ ଦ୍ୱୟ ଘରଠାରୁ ଅଧ କି.ମି ଦୂରକୁ ଖେଳିବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ପରେ ଗାଁ ପୋଖରୀରେ ଉଭୟଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଲୁଟ୍ ଟ୍ରକ୍ ଉଦ୍ଧାର, ୩ ଗିରଫ

**ବଡବିଲ,୨୦।୨(ସ୍ବ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ପୋଲିସ ଏକ ଟ୍ରକ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଲୁଟ୍ ହୋଇଥିବା ଟ୍ରକ୍‌କୁ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ଅଞ୍ଚଳର ଅଲତାବ ଖାନ, ଏମ୍‌ଡି ଦାନିଶ ଏବଂ ବଡ଼ବିଲ ଉପରବସ୍ତି ଡ୍ୟାମ୍ ଅଞ୍ଚଳର ସେଖ୍ ପରବେଜ। ସୂଚନା ଅନୁଯାୟୀ, ଗତ ଜାନୁୟାରୀ ୧୪ ତାରିଖ ରାତିରେ ବଡ଼ବିଲ ଷ୍ଟେଶନରୋଡ୍ ଅଞ୍ଚଳର ଅରୁଣ କୁମାର ସାହୁଙ୍କ ଟ୍ରକ୍ ନେଇ ଚାଳକ ଜନାର୍ଦ୍ଦନ ମହାନ୍ତ ଭଦ୍ରାସାହିରେ ଛିଡ଼ା କରିଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ସେଠାରେ ପହଞ୍ଚି ଜନାର୍ଦ୍ଦନଙ୍କୁ ଭୁଜାଲି ଦେଖାଇ ରିମୁଳି ଆଡ଼କୁ ନେଇଯାଇଥିଲେ। ରିମୁଳି ପୂର୍ବରୁ ଦୁର୍ବୃତ୍ତମାନେ ଚାଳକଙ୍କଠାରୁ ମୋବାଇଲ ଓ କିଛି ଟଙ୍କା ଲୁଟିବା ସହ ତାଙ୍କୁ ଗାଡ଼ିରୁ ଓହ୍ଲାଇ ଏକ ଗଛରେ ବାନ୍ଧି ଦେଇ ଟ୍ରକ୍ ନେଇ ପଳାଇଥିଲେ। ପରେ ଏ ନେଇ ଟ୍ରକ୍ ମାଲିକ ବଡ଼ବିଲ ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୬/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ରାଜମିସ୍ତ୍ରି ମୃତ

**ସିମୁଳିଆ,୨୦।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଚାଲୁଣୀଗାଁ ଅଞ୍ଚଳରେ ରବିବାର ବିଦ୍ୟୁତ୍ ଆଘାତରେ ସେକ ସଲିମ ନାମକ ଜଣେ ରାଜମିସ୍ତ୍ରିଙ୍କର ମୃତ୍ୟୁ ହୋଇଛି। ସେ କାମ କରିବା ପାଇଁ ବିଦ୍ୟୁତ୍ ତାରରେ ହୁକ ପକାଉଥିବା ବେଳେ ତାର ଖସି ତାଙ୍କ ଦେହରେ ଲାଗିଯାଇଥିଲା। ତାଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳରେ ଭଡ଼ାରେ ରହୁଥିଲେ।

### ୨ ବୁଥ୍‌ରେ ଭୋଟ୍ ସ୍ଥଗିତ

**ଭଦ୍ରକ ଅଫିସ,୨୦।୨:** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୋହ୍ଲ ପଞ୍ଚାୟତର ୨ ବୁଥ୍‌ରେ ଭୋଟ୍ ସ୍ଥଗିତ ରଖାଯାଇଛି। ସୂଚନା ଅନୁଯାୟୀ, ରବିବାର ୪ ଓ ୫ ନଂ. ୱାର୍ଡ ପାଇଁ କୋହ୍ଲ ହାଇସ୍କୁଲ ପରିସରରେ ଭୋଟିଂ ଚାଲିଥିଲା। ସକାଳ ପ୍ରାୟ ୯ଟା ବେଳେ ଜଣେ ମତଦାତା ଏହାର ବିରୋଧ କରିଥିଲେ। ସରପଞ୍ଚଙ୍କ ବାଲଟ ପେପରରେ ୩ଟି ଚିହ୍ନ ଦେଖାଯାଉଥିବା ବେଳେ ଅନ୍ୟ ଚିହ୍ନ ଦେଖାଯାଉ ନ ଥିବା ଅଭିଯୋଗ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୨୮ ପ୍ରତିଶତ ମତଦାନ ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଣୁ ଏଠାରେ ସରପଞ୍ଚ ଭୋଟ ସ୍ଥଗିତ ରଖି ଅନ୍ୟ ପଦ ପାଇଁ ମତଦାନ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ ମଧ ଭୋଟରମାନେ ରାଜି ହୋଇ ନ ଥିଲେ। ରିପୋର୍ଟ ଲେଖା ହେବ ବେଳକୁ ଭୋଟିଂ ବନ୍ଦ ଦାବିରେ ବୁଥ୍ ସମ୍ମୁଖରେ ଉତ୍ତେଜନା ଜାରି ରହିଥିଲା।

### ମଙ୍ଗଳା ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

**ଯୋଡ଼ା,୨୦।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରର ୯ନଂ. ୱାର୍ଡ ସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠାର ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ସ୍ମୃତିରଞ୍ଜନ ଦାସଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ,ବୁଧବାର ରିତୀନୀତି ଅନୁଯାୟୀ ସକାଳ ୬ ଘଟିକାରେ ଆଳତୀ ଏବଂ ଅଙ୍କୁରରୋପଣ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଯୋଡ଼ା ସୁନା ନଦୀରୁ କଳସରେ ଜଳ ଆଣିଥିଲେ। ଗୁରୁବାର ପ୍ରାତଃ ୫.୩୦ ମିନିଟରେ ମଙ୍ଗଳ ଆଳତୀ,୬.୩୦ ମି.ରେ ମା'ଙ୍କ ମହାସ୍ନାନ ଏବଂ ସକାଳ ୭ ଘଟିକାରେ ମହାବେଶ,୮ଟାରେ ସକାଳ ଧୂପ,ଧ୍ୱଜ ପରିବର୍ତ୍ତନ ଓ ଆଳତୀ ଓ ୯ଟାରେ ସୂର୍ଯ୍ୟ ପୂଜା ହୋଇଥିଲା। ପରେ ଯଜ୍ଞ ନିମନ୍ତେ ଅଗ୍ନି ସ୍ଥାପନ ତଥା ଚଣ୍ଡିପାଠ କରାଯାଇଥିଲା। ସନ୍ଧ୍ୟା ୫ ଘଟିକାରେ ପୂର୍ଣ୍ଣାହୁତି ହେବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ପକ୍ଷରୁ ସୋମନାଥ ମହାନ୍ତି ସୂଚନା ଦେଇଛନ୍ତି।

# ଭାଜପା କର୍ମୀଙ୍କ ଥାନା ଘେରାଉ, ରାସ୍ତାରୋକୋ

## ନିର୍ବାଚନୀ ହିଂସାରେ ୨ଆହତ

**ଖଇରା,୨୦।୨(ଡି.ଏନ.ଏ.)**


ଧାରଣାରତ ଭାଜପା କର୍ମକର୍ତ୍ତାଙ୍କ ସହ ପୋଲିସ ଆଲୋଚନା କରୁଛି।

ବାଲେଶ୍ୱର ଜିଲା ଖଇରା ବ୍ଲକରେ ନିର୍ବାଚନୀ ହିଂସା ଘଟି ୨ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ମାଖନପୁର ପଞ୍ଚାୟତର ସରପଞ୍ଚ ସୁଦର୍ଶନ ସିଂଙ୍କ ପୁଅ ପ୍ରଭାଂଶୁ ମୋହନ ସିଂ ଓ କୁରୁଣ୍ଟା ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମର ମାୟାଧର ଦାସ। ପ୍ରଭାଂଶୁ ୧୩ନଂ. ୱାର୍ଡରେ ଭାଜପା ପକ୍ଷରୁ ପୋଲିଂ ଏଜେଣ୍ଟ ରହିଥିବା ବେଳେ ସକାଳେ ଏଜେଣ୍ଟ କାର୍ଯ୍ୟରୁ ବିରତ ରହିବାକୁ ଏକ ରାଜନୈତିକ ଦଳର ସମର୍ଥକମାନେ ତାଙ୍କୁ କହିଥିଲେ। ହେଲେ ଏଥିପ୍ରତି ସେ କର୍ଣ୍ଣପାତ କରି ନ ଥିଲେ। ଭୋଟ ସରିବା ପରେ ଧମକ ଦେଇଥିବା ବ୍ୟକ୍ତିମାନେ ତାଙ୍କୁ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି କୁରୁଣ୍ଟ ପଞ୍ଚାୟତ ଅଧୀନ ରାଇକୁଳାରେ ୱାର୍ଡ ସଭ୍ୟା ପ୍ରାର୍ଥୀନୀଙ୍କ ସ୍ୱାମୀ ମାୟାଧର କୌଣସୀ କାମରେ ମିରିପୁର ଖଇରା ଗ୍ରାମକୁ ଯାଇଥିବା ବେଳେ ସେଠାରେ ବିଜେଡି ନେତାଙ୍କ ନିର୍ଦ୍ଦେଶ କ୍ରମେ ୮ଜଣ ବ୍ୟକ୍ତି ରାଜନୈତିକ ଆକ୍ରୋଶ ରଖି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ହେଲେ ପୋଲିସ ମାୟାଧର ଓ କିଛି ସହଯୋଗୀଙ୍କୁ ଅଟକ ରଖିଥିଲା।

ଏହାର ପ୍ରତିବାଦରେ ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ୫ନଂ ଜୋନର ଭାଜପା ଜିଲା ପରିଷଦ ପ୍ରାର୍ଥୀ ଇଂ ରାଜେଶ ମହାକୁଡ, ୪ନଂ ଜୋନର ଭାଜପା ପ୍ରାର୍ଥୀ ରାଜେଶ କୁମାର ରାଉତଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଖଇରା ଥାନା ଘେରାଉ କରିବା ସହ ସନ୍ଧ୍ୟାରେ ସୋର-କୁପାରୀ ରାସ୍ତାକୁ ଖଇରା ଥାନା ସମ୍ମୁଖରେ ଅବରୋଧ କରି ଧାରଣାରେ ବସିଥିଲେ। ଆଇଆଇସି ଗଣେଶ୍ୱର ପ୍ରଧାନ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଉଠାଇ ଆଣିଥିବା ବ୍ୟକ୍ତିଙ୍କୁ ଛାଡିବାରୁ ଭାଜପା କର୍ମୀମାନେ ଧାରଣାସ୍ଥଳରୁ ଉଠିଥିଲେ। ଅନ୍ୟପକ୍ଷରେ ମିରିପୁର ଖଇରା ଗ୍ରାମବାସୀ କୁହନ୍ତି, ୮ନଂ. ବୁଥ୍‌ରୁ ୩ଜଣ ଭୋଟ ବାକ୍ସ ଚୋରି କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଧରିବାକୁ ଉଦ୍ୟମ କରୁଥିଲେ। ୨ଜଣ ଖସି ପଳାଇଥିବା ବେଳେ ଗ୍ରାମବାସୀ ଜଣକୁ ଅଟକ ରଖିଥିଲେ। ପରେ ଖଇରା ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି।

# ଜଳେଶ୍ୱରର ୧୯ ବୁଥ୍‌ରେ ଭୋଟ ଜାଲିଆତି ଅଭିଯୋଗ


ନିର୍ବାଚନ କମିଶନଙ୍କଠାରେ ଅଭିଯୋଗ କରିବାକୁ ଆସିଥିବା ଜିଲା ପରିଷଦ ପ୍ରାର୍ଥିନୀ।

## ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେଲେ ଜିଲା ପରିଷଦ ପ୍ରାର୍ଥିନୀ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକର କାଦରାୟାନ ଓ କାରୁଆ ପଞ୍ଚାୟତର ୧୯ଟି ବୁଥ୍‌ରେ ଶୁକ୍ରବାର ମତଦାନବେଳେ ବ୍ୟାପକ ଜାଲିଆତି, ବୁଥ୍ ଦଖଲ ଆଦି ଅଭିଯୋଗ ହୋଇଛି। ଏପରି ଅନିୟମିତତା ନେଇ କଂଗ୍ରେସର ସ୍ଥାନୀୟ ଜିଲା ପରିଷଦ ପ୍ରାର୍ଥିନୀ ଅଞ୍ଜଳି ପ୍ରଧାନ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏଥିରେ ସିଂଲା ଥାନାର ଭରପ୍ରାପ୍ତ ଅଧିକାରୀ ଓ ବସ୍ତା ବିଡ଼ିଓଙ୍କ ଅବହେଳା ତଥା ସମ୍ପୃକ୍ତି ରହିଥିବା ସେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଅନିୟମିତତା ହୋଇଥିବା ସେସବୁ ବୁଥ୍‌ରେ ପୁନଃ ନିର୍ବାଚନ କରିବା, ଥାନା ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରିବା ଓ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଅବହେଳା କରିଥିବା ବିଡ଼ିଓଙ୍କ ସମେତ ଅନ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତାଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସାମ୍ନାରେ ସତ୍ୟାଗ୍ରହ କରିବେ ବୋଲି ମଧ ଘୋଷଣା କରିଛନ୍ତି।

# ଖଇରା ବ୍ଲକରେ ୭୪ ପ୍ରତିଶତ ମତଦାନ

**ଖଇରା,୨୦।୨(ଡି.ଏନ.ଏ.)**


ଭୋଟରମାନେ ସାମାଜିକ ଦୂରତା ରକ୍ଷା କରି ମତଦାନ କେନ୍ଦ୍ରକୁ ଯାଉଛନ୍ତି।

କାଁଭାଁ ହିଂସାକାଣ୍ଡକୁ ଛାଡ଼ି ବାଲେଶ୍ୱର ଜିଲା ଖଇରା ବ୍ଲକର ୫୧୭ ମତଦାନ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ଶେଷ ହୋଇଛି। ଭୋଟଦାନ ୭୪.୨୫ ପ୍ରତିଶତ ହୋଇଥିବା ବେଳେ ମୋଟ ୧ଲକ୍ଷ ୫୩ହଜାର ୪୧୯ଜଣ ଭୋଟଙ୍କ ମଧ୍ୟରୁ ୧ଲକ୍ଷ ୧୩ହଜାର ୯୧୬ଜଣ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏଥି ମଧ୍ୟରେ ୫୨ହଜାର୩୨୬ଜଣ ପୁରୁଷ ଭୋଟର ରହିଥିବା ବେଳେ ୬୧ହଜାର ୫୯୦ଜଣ ମହିଳା ଭୋଟର ଅଛନ୍ତି। ବଡଜୟିପୁର ପଞ୍ଚାୟତ ଅଧୀନ ୯ନଂ. ସାନଜୟିପୁର ବୁଥ୍‌ରେ ଭୋଟ୍ ବାକ୍ସ ତାଲା ନ ପଡ଼ିବାରୁ ପୋଲିଂ ଅଧିକାରୀଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ମାଣୀତ୍ରୀ ପଞ୍ଚାୟତ ୫ନଂ. ବୁଥରେ କିଛି ବ୍ୟକ୍ତି ଭୋଟଦାନରେ ଅନିୟମିତତା ଅଭିଯୋଗ ଆଣି ଅଧିକାରୀମାନଙ୍କୁ ଯିବାକୁ ଦେଇ ନ ଥିଲେ। ପରେ ସେକ୍ଟର ଅଧିକାରୀ ଓ ପୋଲିସ ପହଞ୍ଚି ପୋଲିଂ ଅଧିକାରୀମାନଙ୍କୁ ଉଦ୍ଧାର କରିଥିଲେ। କୁପାରୀ ହାଇସ୍କୁଲର ଏକ ବୁଥ୍‌ରେ ସମୟ ପରେ ପଶିବାକୁ ନେଇ ବିଜେଡି-ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ମହତୀପୁର କେନ୍ଦ୍ରରେ ଗୋପାଳବେଡ଼ା ଗ୍ରାମବାସୀ ଭୋଟରଙ୍କୁ ମାସ୍କ ବଣ୍ଟନ କରିବା ସହ ସାନିଟାଇଜରେ ହାତ ପରିଷ୍କାର କରି ଧାଡିରେ ସାମାଜିକ ଦୂରତା ରକ୍ଷା କରିବାକୁ ସଚେତନ କରାଇଥିଲେ।

## ନିର୍ବାଚନୀ ଗଣ୍ଡଗୋଳ: ୪ ଗିରଫ

**କେନ୍ଦୁଝର,୨୦।୨(ସ୍ବ.ପ୍ର)**

କେନ୍ଦୁଝର ଟାଉନ ଥାନା ଅଧୀନ ନରଣପୁର ପଞ୍ଚାୟତରେ ନିର୍ବାଚନୀ ଗଣ୍ଡଗୋଳ ଘଟିଛି। ଦୁଇ ସରପଞ୍ଚ ପ୍ରାର୍ଥିନୀଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୬୦/୨୨) ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ସରପଞ୍ଚ ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ସତ୍ୟାନନ୍ଦ ନାଏକଙ୍କ ସ୍ତ୍ରୀ ରୀନା ନାଏକ ପ୍ରଚାର କରୁଥିବା ସମୟରେ ବିପକ୍ଷ ଦଳର ସମର୍ଥକମାନେ ତାଙ୍କୁ ରାସ୍ତାରେ ଅଟକାଇ ମାରଣାସ୍ତ୍ର ଦେଖାଇ ନିର୍ବାଚନରୁ ଓହରିଯିବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରି ଟାଙ୍ଗରପଳସା ଗ୍ରାମର ସନ୍ତୋଷ ନାଏକ, ସୋରେନ ନାଏକ, ମିହିର ନାଏକ ଓ ହଳଦିଆଟାଙ୍ଗିରୀ ଗ୍ରାମର ସତ୍ୟଜିତ ନାଏକଙ୍କୁ ଗିରଫ କରିଛି।

# ବିଜେଡି ପ୍ରାର୍ଥୀଙ୍କ ପ୍ରଚାର କଲେ ଏଲିନା


ଆନନ୍ଦପୁର ପଞ୍ଚାୟତରେ ରୋଡ୍‌ଶୋରେ ପ୍ରାର୍ଥୀଙ୍କ ସହ ପ୍ରଚାର କରୁଛନ୍ତି ଅଭିନେତ୍ରୀ ଏଲିନା ଦାସ।

**ଧାମନଗର, ୨୦।୨ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଆନନ୍ଦପୁର ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ରୋଡ୍‌ଶୋ କରାଯାଇଥିଲା। ଶତାଧିକ କର୍ମୀଙ୍କୁ ନେଇ ବିଜେଡି ଦୋବଲ ୧୧ ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥିନୀ ଉର୍ମିଳା ବିଶ୍ୱାଳ ଓ ଆନନ୍ଦପୁର ପଞ୍ଚାୟତର ସମିତିସଭ୍ୟା ପ୍ରାର୍ଥୀ ସୁମିତ୍ରା ତରାଇଙ୍କ ପାଇଁ ପ୍ରଚାର କରିଛି। ପଞ୍ଚାୟତର ପରିବର୍ତ୍ତନ ସ୍ୱର ନେଇ ପ୍ରଚାର କରାଯାଇଥିବା ବେଳେ ଅଭିନେତ୍ରୀ ତଥା ବିଜେଡି ନେତ୍ରୀ ଏଲିନା ଦାସ ଗାଁ ଗାଁ ବୁଲି ପ୍ରାର୍ଥୀମାନଙ୍କ ସପକ୍ଷରେ ଭୋଟରଙ୍କୁ ଭେଟିଥିଲେ। ପଞ୍ଚାୟତର ନେତା ବାସୁଦେବ ପାଗଳ, ଗୋପବନ୍ଧୁ ଖୁଣ୍ଟିଆ, ସୁଧାକର ମିଶ୍ର, ସରୋଜ ପାଣିଗ୍ରାହୀ, ସଞ୍ଜୀବ ରାଉଳ, ପ୍ରମୋଦ ପୃଷ୍ଟି, ମହେଶ୍ୱର ଖୁଣ୍ଟିଆ, ପ୍ରତାପ ବାରିକ, ସୁଦାମ ବାରିକ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ସେହିପରି ଧାମନଗର ୧୦ନଂ. ଜୋନ୍‌ର ଭଗବାନପୁର ପଞ୍ଚାୟତରେ ଜିଲା ପରିଷଦ ପ୍ରାର୍ଥିନୀ ଚୁନିବାଳା ବିଶ୍ୱାଳ, ସମିତିସଭ୍ୟ ପ୍ରାର୍ଥୀ ସୁଦୀପ୍ତ ଖଟୁଆ ଓ ସରପଞ୍ଚ ପ୍ରାର୍ଥିନୀ କାଞ୍ଚନ ସ୍ୱାଇଁଙ୍କ ପାଇଁ ରୋଡ୍‌ଶୋ ମାଧ୍ୟମରେ ଏଲିନା ବିଭିନ୍ନ ଗାଁ ବୁଲି ପ୍ରଚାର କରିଥିଲେ। ଏଥିରେ ସ୍ଥାନୀୟ ଦଳୀୟ ନେତା ଉପସ୍ଥିତ ଥିଲେ।

## ପୋଲ ତଳକୁ ଖସି ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

**ବାସୁଦେବପୁର,୨୦।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର- ଧାମରା ରାସ୍ତାର ମନ୍ଦାରୀ ପୋଲ ନିକଟରେ ଶନିବାର ସନ୍ଧ୍ୟାରେ ପୋଲ ତଳକୁ ଖସି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ଭାଗୀରଥି ପଣ୍ଡା(୪୫)। ସୁଶାନ୍ତ ବେହେରା ନାମକ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ଘର ସିମୁଳିଆ ବ୍ଲକର ଅସ୍ତିଆ ଗ୍ରାମରେ। ସୂଚନା ଅନୁଯାୟୀ, ଭାଗୀରଥି ଓ ସୁଶାନ୍ତ ଧାମରାରୁ ବାସୁଦେବପୁର ଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ମନ୍ଦାରୀଠାରେ ନିର୍ମାଣାଧୀନ ପୋଲ ତଳକୁ ଅସାବଧାନବଶତଃ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଭାଗୀରଥିଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସୁଶାନ୍ତଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଭୋଟ୍ ବର୍ଜନ କଲେ ବଳଭଦ୍ରପୁରବାସୀ

**ଚମ୍ପୁଆ/ଝୁମ୍ପୁରା,୨୦।୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ ଅଧୀନ ବଳଭଦ୍ରପୁର ଗ୍ରାମବାସୀ ରବିବାର ଭୋଟ୍ ବର୍ଜନ କରିଛନ୍ତି। ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାରୁ ଭୋଟ୍ ଦାନରୁ ବିରତ ରହିଥିବା ଗ୍ରାମବାସୀ କହିଛନ୍ତି। ନିର୍ବାଚନ ବିଗୁଲ ବାଜିଲା ପରେ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଗ୍ରାମବାସୀ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ପ୍ରଶାସନ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିଲା। ଫଳରେ ରବିବାର ଗ୍ରାମବାସୀ ଭୋଟ ଦେଇ ନ ଥିଲେ। ପୋଲିଂ ପାର୍ଟି ଖାଲି ବାକ୍ସ ନେଇ ଫେରିଥିଲେ। ବିଡିଓ ବିଜୟ କୁମାର ନାୟକଙ୍କୁ ପଚାରିବାରୁ ବଳଭଦ୍ରପୁର ଏକ ହାମ୍‌ଲେଟ୍ ଭିଲେଜ୍ ହୋଇଥିବାରୁ ଏଠାକାର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିଲେ। ମାତ୍ର ଅଭିଯୋଗ ପରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ସିଡିଏମ୍‌ଓଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

## ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟସେବା ସମସ୍ୟା

**ବାଲେଶ୍ୱର ଅଫିସ,୨୦।୨**


ସିଡିଏମ୍‌ଓଙ୍କୁ କ୍ରିୟାନୁଷ୍ଠାନ କମିଟିର ମୁଖପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବହୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର ଓ ସାପ କାମୁଡ଼ା ଇଞ୍ଜେକସନ୍ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡା. ଦୁଲାଲ୍‌ସେନ୍ ଜଗଦ୍ଦେବଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଚଳିତ ମାସରେ ମାତ୍ର କିଛିଦିନ ପାଇଁ ଇଞ୍ଜେକସନ୍ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା ଏବଂ ବର୍ତ୍ତମାନ ଜିଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକୀୟ ଇଞ୍ଜେକସନ୍ ଯୋଗାଇ ଦିଆଯାଇଥିବା ଡା. ଜଗଦ୍ଦେବ କମିଟିର ପ୍ରତିନିଧିମାନଙ୍କୁ କହିଥିଲେ। ସେହିପରି କେତେକ ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଡାକ୍ତରମାନେ ଲେଖୁଥିବା ଔଷଧ ଉପଲବ୍ଧ ନ ଥିବା ଅଭିଯୋଗକୁ ସିଡିଏମ୍‌ଓ ଅସ୍ୱୀକାର କରିଥିଲେ। ଯଦି କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରୁ ଏପରି ଅଭିଯୋଗ ଆସିବ ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡାକ୍ତର ନ ଥିବା ଅଭିଯୋଗ ଉପରେ କେତେକ ଡାକ୍ତର ଉଚ୍ଚଶିକ୍ଷା ପାଇଁ ଯାଇଥିବାରୁ ସେହିସବୁ ସ୍ଥାନରେ ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ସେ ପ୍ରକାଶ କରିଥିଲେ।

ଏହି ଅବସରରେ ଚଳିତବର୍ଷ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରକାଶିତ ମୁଖପତ୍ର ଡା.ଜଗଦ୍ଦେବଙ୍କୁ ପ୍ରଦାନ କରାଯାଇଥିଲା। ଏହି ସାକ୍ଷାତ ଆଲୋଚନାରେ କମିଟିର ସଭାପତି ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଓ ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ଡିପିଏମ୍ ଅନିଲ୍ ମହାପାତ୍ର ଅଂଶଗ୍ରହଣ କରିଥିଲେ। ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ସମସ୍ୟା ସମ୍ପର୍କରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ପ୍ରଶାସନିକ ମୁଖ୍ୟ ଅଧିକାରୀମାନଙ୍କ ସହ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଛି ବୋଲି କମିଟି ପକ୍ଷରୁ ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ରବିବାର ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ସ୍ମୃତି ଶାମୁକା, ସ୍ମୃତି ପ୍ରଦୀପ ପୁସ୍ତକ ଲୋକାର୍ପିତ



**ବାଲେଶ୍ୱର ଅଫିସ,୨୦।୨**

ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବାସନ୍ତୀ କରଙ୍କ ରଚିତ ଗଳ୍ପ ସଂକଳନ 'ସ୍ମୃତି ପ୍ରଦୀପ' ଓ କବିତା ସଂକଳନ 'ସ୍ମୃତି ଶାମୁକା' ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ଉତ୍ସବରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବର୍ଷୀୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରି କରିଥିଲେ। ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ଗବେଷକ ତଥା 'ଅକ୍ଷାଂଶ'ର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଯଥାକ୍ରମେ କବିତା ଓ ଗଳ୍ପ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀ ପ୍ରାକ୍‌କଥନ ରଖିଥିବାବେଳେ ସମ୍ପାଦକ ଦୀପକ ବୋଷ କବିଙ୍କର ଗୋଟିଏ କବିତା ଆବୃତ୍ତି କରିଥିଲେ। ଲେଖିକା ବାସନ୍ତୀ କର ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ। ଲେଖିକାଙ୍କ ମାତା ବନଲତା କର, ସୁଶ୍ରୀ ଅରୁଣା ରାୟ, ଡ. ସାରଙ୍ଗଧର ତ୍ରିପାଠୀ, କଲ୍ୟାଣୀ ନନ୍ଦ, ଦୀନବନ୍ଧୁ ଲେଙ୍କା, ସୁକାନ୍ତ ଗିରି, ଡ. ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ ଉପସ୍ଥିତ ଥିଲେ।

# ଆନିମଲ୍ ଅଣ୍ଡରପାସ୍ କାମ ସରୁନି

## ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ପ୍ରତି ବିପଦ

**କେନ୍ଦୁଝର,୨୦।୨(ଡି.ଏନ.ଏ.)**



ଅସମ୍ପୂର୍ଣ୍ଣ ଆନିମଲ୍ ଅଣ୍ଡରପାସ୍।

କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥର ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଅନେକ ସ୍ଥାନରେ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲଗୁଡ଼ିକରେ ହାତୀ ସାଙ୍ଗକୁ ଅନ୍ୟାନ୍ୟ ବନ୍ୟପ୍ରାଣୀ ବସବାସ କରୁଛନ୍ତି। ସଂରକ୍ଷିତ ଜଙ୍ଗଲ ମଧ ଦେଇ ଜାତୀୟ ରାଜପଥ ଯାଇଥିବାରୁ ବନ୍ୟପ୍ରାଣୀଙ୍କ ଅବାଧ ଚଳପ୍ରଚଳ ପାଇଁ ଅନେକ ସ୍ଥାନରେ ଅଣ୍ଡରପାସ ତିଆରି ହେବା ଯୋଜନା ରହିଥିଲା। କିନ୍ତୁ ରାସ୍ତା ନିର୍ମାଣ ସମୟରେ ଏହାକୁ ଉପେକ୍ଷା କରି ଅଣ୍ଡରପାସ ଗୁଡ଼ିକୁ ଅଧାପନ୍ତରିଆ ଭାବେ ପକାଇ ଦିଆଯାଇଛି। ତେଣୁ ଦୁର୍ଘଟଣା ଘଟି ଜୀବଜନ୍ତୁମାନଙ୍କ ଜୀବନ ଯାଉଥିବା ନଜିର ରହିଛି। ହାତୀଚଳପ୍ରଚଳ ପାଇଁ ଅଣ୍ଡରପାସ ଗୁଡ଼ିକର କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଓ ବନବିଭାଗ ଆନ୍ତରିକତାର ଅଭାବ ଏହାର ମୁଖ୍ୟ କାରଣ। ନରଣପୁର ସଂରକ୍ଷିତ ଜଙ୍ଗଲରେ ଗୋପାଳପୁର ପୂର୍ବରୁ ନିର୍ମାଣଧୀନ ଅଣ୍ଡରପାସର କାମ ସରିଥିଲେ ମଧ ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ସୁଗମ ନ ଥିବାରୁ ରାସ୍ତାର ଏକ ପାର୍ଶ୍ୱରେ ଥିବା ଜଙ୍ଗଲରୁ ଅନ୍ୟ ପାଖ ଜଙ୍ଗଲକୁ ଯିବା ଆସିବା କରି ପାରୁ ନାହାନ୍ତି। ତେଣୁ ଗାଡ଼ି ଦୁର୍ଘଟଣାରେ ସେମାନଙ୍କ ଜୀବନ ଯାଉଥିବା ଦେଖିବାକୁ ମିଳୁଛି। ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ହାତୀ ରହିଥିବା କାରଣରୁ ପିପିଳିଆ ଠାକୁରାଣୀ ଶାଳ ନିକଟରେ ୧୫ଫୁଟ ଉଚ୍ଚତାର ଏକ ଏଲିଫ୍ୟାଣ୍ଟ ଅଣ୍ଡରପାସ କାମ ଆରମ୍ଭ ହୋଇଥିଲା। ମାତ୍ର ଏହି କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ିଛି। ଫଳରେ ହାତୀମାନେ ଅନେକ ସମୟରେ ବିପଦସଂକୁଳ ଅବସ୍ଥାରେ ରାସ୍ତା ପାର ହେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

